# ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ନଂ... 11545
XIII-11/19

## ନିଲାମ ଇସ୍ତାହାର

ତା 1 ..11.. 19

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀମନ୍ଦିର ପ୍ରଶାସନର Maruti Omin (Ambulance) ଗାଡ଼ି ନଂ OR – 14G- 7319 ନିଲାମ କରାଯିବ । ଏହାର ଅଫସେଟ୍ ମୂଲ୍ୟ ଟ. ୬,୦୦୦/- **ଙ୍କା** । ଇଚ୍ଛୁକ ବ୍ୟକ୍ତି ବିଶେଷ ଧାର୍ଯ୍ୟ ଅମାନତ **ଟ. ୧୦୦୦/- ଙ୍କା** ଦାଖଲ କରିବା ସପକ୍ଷରେ ପ୍ରମାଣ ପତ୍ର ସଂଲଗ୍ନ କରି ନିମ୍ନଲିଖିତ ସର୍ତ୍ତାବଳୀ ମତେ କୋଟେସନ ଫର୍ମର ନମୁନା ଅନୁଯାୟୀ ସାଧା କାଗଜରେ ଲେଖି ଜଉମୁଦ ଲଫାପାରେ ଭର୍ତ୍ତୀକରି କୋଟେସନ ଦରଖାସ୍ତ ମୁଖ୍ୟ ପ୍ରଶାସକ ଶ୍ରୀଜଗନ୍ନାଥ ମନ୍ଦିର, ପୁରୀଙ୍କ ନାମେ ପଠାଇବେ । କୋଟେସନ ଦରଖାସ୍ତ ଗୁଡ଼ିକ ଆସନ୍ତା **୧୩.୧୧.୧୯** ତାରିଖ ଅପରାହ୍ନ **୩.୦୦** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ପହଞ୍ଚାଇବେ । ଲଫାପା ଉପରେ କୋଟେସନ ଦାତାଙ୍କ ପୁରାନାମ ଚିଠି ପାଇବା ଠିକଣା ଉଲ୍ଲେଖ ରହିବ । ଗ୍ରହଣ କରାଯାଇଥିବା କୋଟେସନ ଗୁଡ଼ିକ **୧୩.୧୧.୧୯** ତାରିଖ ଅପରାହ୍ନ **୪.୦୦** ଶ୍ରୀ ଜଗନ୍ନାଥ ମନ୍ଦିର ସଦର କାର୍ଯ୍ୟାଳୟରେ କୋଟେସନ ଦାତାଙ୍କ ଉପସ୍ଥିତିରେ ଖୋଲାଯିବ । ଧାର୍ଯ୍ୟ ଦିନ ଓ ସମୟ ଅତିବାହିତ ପରେ କୌଣସି କୋଟେସନ ଗ୍ରହଣ କରାଯିବ ନାହିଁ । ନିଲାମ ହେବାକୁଥିବା ଗାଡ଼ିଟି ସଦର କାର୍ଯ୍ୟାଳୟ ଖୋଲାଥିବା ସମୟରେ ଆସି ଦେଖି ପାରିବେ । ନିଲାମ ସଂକ୍ରାନ୍ତୀୟ ସମସ୍ତ ବିଷୟ ବସ୍ତୁ ଉପରେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ହିଁ ଚୁଡ଼ାନ୍ତ ବିବେଚିତ ହେବ ।

### କୋଟେସନ ପ୍ରଦାନର ସାରଣୀ

| କୋଟେସନ ପ୍ରଦାନକାରୀଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା | ସର୍ବୋଚ୍ଚ କେତେ ଟଙ୍କାରେ ନେବେ | ଦାଖଲ କରିଥିବା ଅମାନତ ଟଙ୍କାର ପରିମାଣ, ରସିଦ୍ ନଂ ଓ ତାରିଖ |
|---|---|---|
| | | |

(signature) 1/11/19

ପ୍ରଶାସକ

ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

ଜ୍ଞାପକ ସଂଖ୍ୟା 11545

ତା 1 ..11.. 19

ଏହାର ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଶ୍ରୀମନ୍ଦିର ସଦର କାର୍ଯ୍ୟାଳୟ ନୋଟିସ ବୋର୍ଡ଼/ ଶ୍ରୀମନ୍ଦିର ୪ ଦ୍ୱାର / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / ତହସିଲଦାରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / ସ୍ୱତନ୍ତ୍ର ଅଧିକାରୀ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ / କମ୍ପ୍ୟୁଟର ପୋଗ୍ରାମରଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

(signature) 1/11/19

ପ୍ରଶାସକ

ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ